# NATIONAL NEWS BULLETIN (ODIA)

**10 April - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଭାରତ' ବିଶ୍ୱରେ ଏକ ମହାଶକ୍ତି ଭାବେ ମୁଣ୍ଡ ଟେକୁଛି ଓ ଏଥିରେ ତାମିଲନାଡୁ ମୁଖ୍ୟ ଭୂମିକା ଗ୍ରହଣ କରିଛି ।

- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ନ୍ୟାୟିକ ହାଜତ ରହଣି ସମୟରେ ତାଙ୍କର ଓକିଲଙ୍କୁ ଭେଟିବା ପାଇଁ ଅଧିକ ସମୟ ଲୋଡ଼ି ସେ କରିଥିବା ଆବେଦନକୁ ଦିଲ୍ଲୀର ଏକ ଅଦାଲତ ଖାରଜ କରିଦେଇଛନ୍ତି ।

- କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି ଚଳିତ ଲୋକସଭା ନିର୍ବାଚନରେ ଦୁଇଟି ଅଲଗା ଅଲଗା ନୀତି ମଧ୍ୟରେ ଲଢ଼େଇ ହେଉଛି ।

- ଜାମ୍ମୁ କାଶ୍ମୀରରେ ଇଦୁଲ ଫିତର ଧାର୍ମିକ ମନୋଭାବ ସହ ପାଳିତ ହେଉଛି ।

ଏବଂ

- ଆଜି ସକାଳେ ଶ୍ରୀଲଙ୍କା ଜେଲ୍‌ରୁ ୧୯ ଜଣ ଭାରତୀୟ ମତ୍ସ୍ୟଜୀବୀ ଖଲାସ ହୋଇଛନ୍ତି ।

# ପିଏମ୍‌-ଭେଲୋର ର୍‍ୟାଲି

ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଭାରତ’ ବିଶ୍ୱରେ ଏକ ମହାଶକ୍ତି ଭାବେ ମୁଣ୍ଡ ଟେକୁଛି ଓ ଏଥିରେ ତାମିଲନାଡୁ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଭେଲୋର୍‌ ଠାରେ ଏକ ର୍‍ୟାଲିରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ମହାକାଶ କ୍ଷେତ୍ରରେ ଭାରତର ଅଗ୍ରଗତିରେ ତାମିଲନାଡୁର ଅନେକ ଅବଦାନ ରହିଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି ତାମିଲନାଡୁର ଉଦ୍ୟମ ଯୋଗୁଁ ଭାରତ ଉତ୍ପାଦନ କ୍ଷେତ୍ରରେ ଉପରକୁ ଉଠିଛି । ଶ୍ରୀ ମୋଦୀ କହିଛନ୍ତି ତାମିଲନାଡୁରେ ସ୍ଥାପନ କରାଯାଉଥିବା ପ୍ରତିରକ୍ଷା କରିଡର ରାଜ୍ୟକୁ ଉଚ୍ଚ ଶିଖରରେ ପହଞ୍ଚାଇବ । ସେ କହିଛନ୍ତି ଗତ ୧୦ ବର୍ଷ ମଧ୍ୟରେ NDA ବିକଶିତ ଭାରତର ଭିତ୍ତିଭୂମି ସ୍ଥାପନ କରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ୨୦୧୪ ପୂର୍ବରୁ ଭାରତୀୟ ଅର୍ଥନୀତି ଦୁର୍ବଳ ଥିଲା ଓ ଦେଶରେ କେବଳ ଦୁର୍ନୀତି ଖବର ପ୍ରସାରିତ ହେଉଥିଲା । NDA ର ଅଂଶୀଦାର ଦଳ ପଟ୍ଟାଲି ମକ୍କଲ କାଚି ର ଧରମପୁରୀ ପ୍ରାର୍ଥୀ ସୌମ୍ୟା ଅମ୍ବୁମଣି ଙ୍କ ସମର୍ଥନରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେଇଛନ୍ତି । ସେ ମଧ୍ୟ ନିଉ ଜଷ୍ଟିସ୍‌ ପାର୍ଟିର ଭେଲୋର ପ୍ରାର୍ଥୀ ଏ.ସି. ସନ୍‌ମୁଗମ୍‌ ଙ୍କ ସମର୍ଥନରେ ପ୍ରଚାର କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି କଂଗ୍ରେସ ଶ୍ରୀଲଙ୍କାକୁ କଚ୍ଚାତିବୁ ଦ୍ୱୀପ ଦେଇଦେଇଛି, ଯାହା ତାମିଲନାଡୁ ମତ୍ସ୍ୟଜୀବୀମାନଙ୍କ ସ୍ୱାର୍ଥ ପ୍ରତି ଏକ କୁଠାରାଘାତ । ସେ କହିଛନ୍ତି ଗତ କିଛିବର୍ଷ ଧରି ବହୁ ମତ୍ସ୍ୟଜୀବୀ ଗିରଫ

ହୋଇଛନ୍ତି ଓ ସେମାନଙ୍କୁ ସ୍ୱଦେଶ ଆଣିବାକୁ NDA ସରକାର ଅହରହ ଉଦ୍ୟମ କରୁଛନ୍ତି ।

ପ୍ରଧାନମନ୍ତ୍ରୀ DMK ର ସମାଲୋଚନା କରି ଏହା ଲୋକମାନଙ୍କ ଆବଶ୍ୟକତା ପ୍ରତି ଉଦାସୀନ ରହିଛି ଓ ଦୁର୍ନୀତିରେ ଲିପ୍ତ ରହିଛି ବୋଲି କହିଛନ୍ତି । ସେ କହିଛନ୍ତି NDA ସରକାର ଲୋକମାନଙ୍କ କଲ୍ୟାଣାର୍ଥେ ଅନେକ ଯୋଜନା ଲାଗୁ କରିଛନ୍ତି ଓ ଭାରତକୁ ବିଶ୍ୱ ଦରବାରରେ ସ୍ଥାପିତ କରିବା ଲାଗି ଅର୍ଥନୈତିକ ସଂସ୍କାରମାନ ଆଣିଛନ୍ତି ।  ତାମିଲ ନବବର୍ଷ ଉପଲକ୍ଷେ ଶୁଭେଚ୍ଛା ଜଣାଇ ସେ କହିଛନ୍ତି ସ୍ୱାଧୀନତା ସଂଗ୍ରାମ ଆରମ୍ଭରେ ଭେଲୋର ମୁଖ୍ୟ ବିନ୍ଦୁ ଥିଲା । ନମୋ ଆପ୍ ତାମିଲ ଭାଷାରେ ଉପଲବ୍ଧ ହୋଇଥିବାର ପ୍ରଧାନମନ୍ତ୍ରୀ କହିଛନ୍ତି ।

DMK ନେତା ତଥା ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଠେନି ଠାରେ ଇଣ୍ଡିଆ ମେଣ୍ଟ ପାଇଁ ପ୍ରଚାର କରୁଛନ୍ତି । ଆଜି ସକାଳେ ସେ ସାଧାରଣ ଲୋକମାନଙ୍କ ସହ ବାର୍ତ୍ତାଳାପ କରିଛନ୍ତି ।

## କୋର୍ଟ-କେଜରୀୱାଲ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ନ୍ୟାୟିକ ହାଜତ ରହଣି ସମୟରେ ତାଙ୍କର ଓକିଲଙ୍କୁ ଭେଟିବା ପାଇଁ ଅଧିକ ସମୟ ଲୋଡ଼ି ସେ କରିଥିବା ଆବେଦନକୁ ଦିଲ୍ଲୀର ଏକ ଅଦାଲତ ଖାରଜ କରିଦେଇଛନ୍ତି । CBI ଓ ED ପାଇଁ ସ୍ୱତନ୍ତ୍ର ବିଚାରପତି କାବେରୀ ବାବେଜା କହିଛନ୍ତି

ଏଭଳି ସୁବିଧା ଦେବା ପାଇଁ କୌଣସି ବିଶେଷ କାରଣ ନାହିଁ । ED ମଧ୍ୟ ଶ୍ରୀ କେଜରିୱାଲଙ୍କ ଆବେଦନକୁ ବିରୋଧ କରିଥିଲା । ED କହିଥିଲା ଶ୍ରୀ କେଜରିୱାଲ ଜେଲ୍‌ରୁ ଅଫିସ କାର୍ଯ୍ୟ କରିବାକୁ ଚାହୁଁଛନ୍ତି, କିନ୍ତୁ ଏଥିପାଇଁ ତାଙ୍କୁ ସ୍ୱତନ୍ତ୍ର ସୁବିଧା ଦିଆଯାଇ ପାରିବ ନାହିଁ । କେଜରିୱାଲଙ୍କ ଓକିଲ କହିଥିଲେ ଶ୍ରୀ କେଜରିୱାଲଙ୍କ ବିରୁଦ୍ଧରେ ଅନେକ ମାମଲା ପଡ଼ି ରହିଥିବାରୁ ସପ୍ତାହରେ ଗୋଟିଏ ଘଣ୍ଟା ପାଇଁ ସାକ୍ଷାତ କରିବାକୁ ମିଳୁଥିବା ସମୟ ଯଥେଷ୍ଟ ନୁହେଁ । ପ୍ରତି ସପ୍ତାହରେ ୫ଥର ଓକିଲଙ୍କ ସହ କଥାବାର୍ତ୍ତା ପାଇଁ ଶ୍ରୀ କେଜରିୱାଲଙ୍କ ଆବେଦନକୁ ED ବିରୋଧ କରିଥିଲା । ଏହା ଜେଲ୍ ନିୟମର ବିରୁଦ୍ଧାଚରଣ କରୁଛି ବୋଲି ED କହିଥିଲା । କେଜରିୱାଲଙ୍କୁ ତାଙ୍କର ଓକିଲଙ୍କ ସହ ୨ଥର ମିଶିବା ପାଇଁ ସୁବିଧା ଦିଆଯାଇଥିବା ବେଳେ  ଅନ୍ୟମାନଙ୍କ କ୍ଷେତ୍ରରେ ଗୋଟିଏ ଥର ସୁବିଧା ଦିଆଯାଇଥାଏ । ଗତ ପହିଲାରୁ କୋର୍ଟ ଶ୍ରୀ କେଜରିୱାଲଙ୍କୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ନ୍ୟାୟିକ ହାଜତକୁ ପଠାଇଛନ୍ତି ।

## ରାଜ୍ୟସଭା ଓଥ୍

୧୦ଜଣ ନବନିର୍ବାଚିତ ରାଜ୍ୟସଭା ସଦସ୍ୟ ଆଜି ଶପଥ ନେଇଛନ୍ତି । ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ପାର୍ଲାମେଣ୍ଟ ସଦନରେ ସେମାନଙ୍କୁ ଶପଥପାଠ କରାଇଛନ୍ତି । ସେହି ସଦସ୍ୟମାନେ ହେଲେ ମାୟାଁଙ୍କ ଭାଇ

ଜୟଦେବ ଭାଇ ନାୟକ, ମିଲିନ୍ ମୁରଲୀ ଦେଓରା, ରେଣୁକା ଚୌଧୁରୀ, ରାମ୍‌ଜୀ ଲାଲ ସୁମନ୍ ଓ ସାଗରିକା ଘୋଷ ।

## ଇଦୁଲ୍ ଫିତର

ଜାମ୍ମୁ କାଶ୍ମୀରରେ ଇଦୁଲ ଫିତର ଧାର୍ମିକ ମନୋଭାବ ସହ ପାଳିତ ହେଉଛି । ଆମ ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି ରମ୍‌ଜାନ ମାସ ଶେଷରେ ଇଦୁଲ୍ ଫିତର ପାଳିତ ହୋଇଥାଏ । ଗତ ସନ୍ଧ୍ୟାରେ ଚନ୍ଦ୍ର ଦେଖାଯିବା ପରେ ରମଜାନ ମାସର ପରିସମାପ୍ତି ହୋଇଛି । ଏହି ଅବସରରେ ସିରାଦ୍ କମିଟି ଗୁଡ଼ିକ ଇଦ୍ ପ୍ରାର୍ଥନା ସମୟ ବିଷୟରେ ଜଣାଇଛନ୍ତି । ଇଦ୍‌ଗାହ ଓ ଜାମିଆ ମସ୍‌ଜିଦ୍ ଗୁଡ଼ିକରେ ଇଦ୍ ପ୍ରାର୍ଥନା କରାଯାଉଛି । ଗତକାଲି ଲୋକମାନେ ନିଜ ନିଜର ଆତ୍ମୀୟମାନଙ୍କ ପାଇଁ ଉପହାର ସାମଗ୍ରୀମାନ କିଣିବାର ଦେଖାଯାଇଥିଲା । ଉପରାଜ୍ୟପାଳ ମନୋଜ ସିହ୍ନା ଲୋକମାନଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଛନ୍ତି । ଏକ ବାର୍ତ୍ତାରେ ସେ କହିଛନ୍ତି ଇଦ୍ ଲୋକମାନଙ୍କୁ ମାନବ ସମାଜ ପ୍ରତି ନିଜକୁ ଉତ୍ସର୍ଗ କରିବାକୁ ପ୍ରେରଣା ଯୋଗାଇଥାଏ । ଏହି ଅବସରରେ ସେ ଲୋକମାନଙ୍କର ସୁଖ ଓ ସମୃଦ୍ଧିର କାମନା କରିଛନ୍ତି । ରାଜନୈତିକ ଦଳ ଗୁଡ଼ିକର ନେତାମାନେ ମଧ୍ୟ ଜନସାଧାରଣଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଛନ୍ତି ।

# ପିଏମ୍ ଇଣ୍ଟରଭିଉ

ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି କଂଗ୍ରେସ ଉତ୍ତରାଖଣ୍ଡ ପାଇଁ କୌଣସି କାର୍ଯ୍ୟ କରି ନାହିଁ । ଏକ ସମ୍ବାଦପତ୍ରକୁ ଦେଇଥିବା ସାକ୍ଷାତକାରରେ ସେ କହିଛନ୍ତି ଉତ୍ତରାଖଣ୍ଡ ଭଳି ପାର୍ବତ୍ୟ ରାଜ୍ୟ ଗୁଡ଼ିକ ଅନେକ ଦଶନ୍ଧି ଧରି ଅବହେଳିତ ହୋଇ ରହିଥିଲା । ପୂର୍ବରୁ କ୍ଷମତାରେ ଥିବା ଲୋକମାନଙ୍କର ଉତ୍ତରାଖଣ୍ଡର ବିକାଶ ପାଇଁ କୌଣସି ଭିଜନ୍ କିମ୍ବା ଇଚ୍ଛାଶକ୍ତି ନଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି । ବିଜେପି କର୍ମୀ ଭାବେ ସେ ଉତ୍ତରାଖଣ୍ଡରେ ଅନେକ ସମୟ ବିତାଇଥିବାର ଜଣାଇ ସେ କହିଛନ୍ତି ପାହାଡ଼ରେ ବସବାସ କରୁଥିବା ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

# ରାହୁଲ-କଂଗ୍ରେସ

କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି ଚଳିତ ଲୋକସଭା ନିର୍ବାଚନ ହେଉଛି ଦୁଇଟି ଅଲଗା ଅଲଗା ନୀତି ମଧ୍ୟରେ ଲଢ଼େଇ । ଏକ ପୋଷ୍ଟ୍ କରି ସେ କହିଛନ୍ତି ଏକପକ୍ଷରେ କଂଗ୍ରେସ ଭାରତକୁ ଐକ୍ୟବଦ୍ଧ କରୁଥିବା ବେଳେ ଅନ୍ୟ ପକ୍ଷରେ କିଛି ଲୋକ ଏହାକୁ ବିଭାଜିତ କରି ଚାଲିଛନ୍ତି । ସେ କହିଛନ୍ତି କେଉଁ ଲୋକମାନେ ଦେଶ ବିଭାଜନକାରୀ ଶକ୍ତି ଗୁଡ଼ିକ ସହ

ହାତ ମିଳାଇଛନ୍ତି, ଇତିହାସ ତାହାର ମୂକସାକ୍ଷୀ । ଯେଉଁମାନେ ଦେଶର ସ୍ୱାଧୀନତା ଓ ଏକତା ପାଇଁ ଲଢ଼ିଛନ୍ତି, ତାହା ମଧ୍ୟ ଇତିହାସରେ ଲିପିବଦ୍ଧ ହୋଇ ରହିଛି । ଭାରତଛାଡ଼ ଆନ୍ଦୋଳନ ସମୟରେ ଭାରତର ଜେଲ୍ ଗୁଡ଼ିକରେ କଂଗ୍ରେସ ନେତାମାନେ ଭରି ରହିଥିଲେ ।

## ପିଏମ୍-ଆୟାରଲ୍ୟାଣ୍ଡ ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ସାଇମନ୍ ହ୍ୟାରିସ୍ ଆୟାରଲ୍ୟାଣ୍ଡ୍ର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ହୋଇଥିବାରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଆୟାରଲ୍ୟାଣ୍ଡ୍ ସହ ଭାରତର ଐତିହାସିକ ସଂପର୍କକୁ ସେ ପ୍ରାଧାନ୍ୟ ଦେଇ ଆସୁଛନ୍ତି । ଉଭୟ ଦେଶ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ବିଶ୍ୱାସ କରି ଆସୁଥିବାର ଶ୍ରୀ ମୋଦୀ କହିଛନ୍ତି । ଆୟାରଲ୍ୟାଣ୍ଡ-ଭାରତ ଦ୍ୱିପକ୍ଷୀୟ ସଂପର୍କକୁ ସୁଦୃଢ଼ କରିବା ପାଇଁ ତାଙ୍କ ସହ ମିଶି କାର୍ଯ୍ୟ କରିବାକୁ ସେ ଆଶା ରଖିଥିବାର ଶ୍ରୀ ମୋଦୀ କହିଛନ୍ତି ।

## ପ୍ରେଜ୍ ପିଏମ୍ -ଆକ୍ସିଡେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛତିଶଗଡ଼ର ଦୁର୍ଗ ଜିଲ୍ଲାରେ ଘଟିଥିବା ବସ୍ ଦୁର୍ଘଟଣା ଉପରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି ଏହାକୁ ଏକ ମର୍ମନ୍ତୁଦ ଦୁର୍ଘଟଣା ବୋଲି ଅଭିହିତ

କରିଛନ୍ତି ଓ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ଆହତ ଲୋକମାନଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ପ୍ରଶାସନ ସେମାନଙ୍କୁ ସହାୟତା କରିବାକୁ କହିଛନ୍ତି ।

## ତାମିଲନାଡୁ ଫିସରମ୍ୟାନ୍ ରିଲିଜ୍

ଆଜି ସକାଳେ ଶ୍ରୀଲଙ୍କା ଜେଲ୍‌ରୁ ୧୯ ଜଣ ଭାରତୀୟ ମତ୍ସ୍ୟଜୀବୀ ଖଲାସ ହୋଇଛନ୍ତି । ଗତମାସ ୧୭ ତାରିଖରେ ତାମିଲନାଡୁର ରାମନାଥପୁରମ୍ ଜିଲ୍ଲାରୁ ୨୧ ଜଣ ମତ୍ସ୍ୟଜୀବୀ ମାଛ ଧରିବାକୁ ଯାଇଥିଲେ । ସେମାନଙ୍କର ଡଙ୍ଗା ଆନ୍ତର୍ଜାତିକ ଜଳରାଶିରେ ପ୍ରବେଶ କରିବା ପରେ, ଶ୍ରୀଲଙ୍କା ନୌବାହିନୀ ସେମାନଙ୍କୁ ଗିରଫ କରି ନେଇଥିଲା । ଏହାପରେ ସେମାନଙ୍କୁ ଜାଫ୍‌ନା କୋର୍ଟରେ ହାଜର କରାଯାଇଥିଲା । ଜଣେ ମତ୍ସ୍ୟଜୀବୀ ୨ଥର ଗିରଫ ହୋଇଥିବାରୁ ତାଙ୍କୁ ୧ବର୍ଷ ଜେଲ୍ ଦଣ୍ଡ ଦିଆଯାଇଛି । ଅନ୍ୟ ଜଣେ ମତ୍ସ୍ୟଜୀବୀଙ୍କୁ ୬ ମାସର ଜେଲ୍‌ଦଣ୍ଡ ଦିଆଯାଇଛି । ଏହାପରେ ଅନ୍ୟ ମତ୍ସ୍ୟଜୀବୀମାନଙ୍କୁ ଭାରତୀୟ ହାଇକମିଶନଙ୍କୁ ହସ୍ତାନ୍ତର କରାଯାଇଛି । ସେହି ମତ୍ସ୍ୟଜୀବୀମାନେ ବିମାନ ଯୋଗେ ଚେନ୍ନାଇରେ ଆସି ପହଞ୍ଚିଛନ୍ତି ।

## ବିହାର ଲୋକସଭା ପ୍ରୋଫାଇଲ୍

ବିହାରର ଔରଙ୍ଗାବାଦ ଲୋକସଭା ନିର୍ବାଚନ ମଣ୍ଡଳୀରେ ପ୍ରଥମ ପର୍ଯ୍ୟାୟରେ ମତଦାନ ହେବ । ପ୍ରଥମ ପର୍ଯ୍ୟାୟରେ ଗୟା, ଜାମୁଇ ଓ ନୱାଡ଼ା ରେ ମଧ୍ୟ ମତଦାନ ହେବ । ଔରଙ୍ଗାବାଦ ଲୋକସଭା ମଧ୍ୟରେ ୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଆସୁଛି । ମୋଟ୍ ୯ ଜଣ ପ୍ରାର୍ଥୀ ଔରଙ୍ଗାବାଦ ଲୋକସଭା ଆସନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ୧୮ ଲକ୍ଷ ମତଦାତା ୯ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ସେମାନଙ୍କ ମଧ୍ୟରେ ଜଣେ ମହିଳା ପ୍ରାର୍ଥୀ ରହିଛନ୍ତି ।

NDA ରୁ ଶୁଶୀଲ କୁମାର ସିଂ ଅଷ୍ଟମବାର ଲାଗି ସେଠାରୁ ପ୍ରତିଦ୍ୱନ୍ଦିତା କରୁଛନ୍ତି । RJD ସେଠାରେ ଅଭୟ କୁଶୱାହଙ୍କୁ ଛିଡ଼ା କରାଇଛି । ବିଜେପି ଓ RJD ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦିତା ହେବ ।